# ଜାନୁଆରୀ ୧୫ରେ ମେଗା ନିଯୁକ୍ତି ମେଳା

ଅନୁଗୋଳ ତା.୨୧.୧୧-- ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ତରଫରୁ ଆସନ୍ତା ଜନୁଆରୀ ୧୫ ତରିଖରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଂଗଣ ରେ ଅନୁଷ୍ଠିତ ହେବ ଜିଲ୍ଲା ସ୍ତରୀୟ ମେଗା ନିଯୁକ୍ତି ମେଳା । ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳରୁ ବହୁ ସଂଖ୍ୟାରେ ଯୁବକ ଓ ଯୁବତୀ ମାନଂକ ସମେତ ବିଭିନ୍ନ କମ୍ପାନୀର ନିଯୁକ୍ତିଦାତା ମାନେ ଯୋଗ ଦେବେ । ଏହି ନିଯୁକ୍ତିମେଳାକୁ ସଫଳତାର ସହିତ ଆୟୋଜନ କରିବା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ଅଧକ୍ଷ୍ୟତାରେ ତାଂକ କର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନିଯୁକ୍ତିମେଳାରେ ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ଦ୍ୱାରା ମନୋନୀତ ହେଉଥିବା ଯୁବକ ଯୁବତୀ ମାନଂକର ଚୂଡ଼ାନ୍ତ ସାକ୍ଷାତକାର ଆୟୋଜନ କରି ନିଯୁକ୍ତିପତ୍ର ମେଳା ସ୍ଥାନରେ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଗତବର୍ଷ ମେଳାରେ ୧୪୮୦ ଜଣ ଅଂଶ ଗ୍ରହଣ କରି ୪୩୦ଜଣ ପିଲାଂକୁ ନିଯୁକ୍ତି ପାଇଁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ସେମାନଂକ ମଧ୍ୟରୁ ଖୁବ କମ ପିଲା ଚାକିରୀରେ ଯୋଗଦାନ କରିଥିବାବେଳେ କିଛି ପିଲା ଚାକିରୀ କରିବାକୁ ଆଗ୍ରହ ପ୍ରକାଶ କରିନାହାନ୍ତି । ନିଜ ରାଜ୍ୟରେ ନିଯୁକ୍ତି ପାଇଁ ଅଧିକାଂଶ ପିଲା ଆଗ୍ରହୀ ଥିବାରୁ ମେଳା ଦିନ ମନୋନୀତ ପିଲାଂକୁ ନେଇ ନିଯୁକ୍ତିଦାତାଂକ ସହ କାଉନସେଲିଂ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ମେଳାର ସମସ୍ତ ପ୍ରକାର ଆୟୋଜନ ଦାୟିତ୍ୱରେ ନୋଡ଼ାଲ ଅଫିସର ଭାବେ ଜିଲ୍ଲା ଗ୍ରାମ୍ୟ ଉଂନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟଂକୁ ଦାୟିତ୍ୱ ଅର୍ପଣ କରାଯାଇଛି । ମେଳାରେ ଆନୁସଂଗିକ ବ୍ୟବସ୍ଥା ଯଥା ପାନୀୟ ଜଳ ଯୋଗାଣ,ନିରାପତ୍ତା ବ୍ୟବସ୍ଥା,ଟେଣ୍ଟ,ପ୍ରାଥମିକ ଚିକିତ୍ସା,ଅଗ୍ନି ନିର୍ବାପକ ଓ ପରିମଳ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକରୀଂକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ମେଳାରେ ଅଧିକ ସଂଖ୍ୟାରେ ପିଲାମାନେ କିପରି ଯୋଗଦାନ କରିବେ ସେଥିପାଇଁ ଆଗୁଆ ପ୍ରଚାର ବ୍ୟବସ୍ଥା କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉଂନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ଅମରେନ୍ଦ୍ର ନାଥ ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରାଙ୍କ ସମେତ ଜିଲ୍ଲା ସ୍ତରିୟ ବିଭିନ୍ନ ବିଭାଗର ଅଧିକାରି ମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ମାନସ ରଂଜନ ମହାନ୍ତି ନିଯୁକ୍ତି ମେଳା ଅୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏହାର ସଫଳ ଆୟୋଜନ ନିମନ୍ତେ ସମସ୍ତଂକର ସହଯୋଗ କମନା କରିଥିଲେ ।




Succession List Of
District Magistrate & Collectors
Angul(Odisha)